# NATIONAL NEWS BULLETIN (ODIA)

**16 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶର ଗରିବ ତଥା ମଧ୍ୟବିତ୍ତ ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ ଅନଲାଇନ୍ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଘୋଷଣା କଲେ ପ୍ରଧାନମନ୍ତ୍ରୀ

- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ନୂଆଦିଲ୍ଲୀଠାରେ ଆସନ୍ତାକାଲି ଆରମ୍ଭ ହେବ ଜଳବାୟୁ ପରିବର୍ତ୍ତନ ଓ ନିରନ୍ତର ବିକାଶ ଆଧାରିତ ବ୍ରିକ୍ସ ପରିବେଶ କାର୍ଯ୍ୟଗୋଷ୍ଠୀ ବୈଠକ

- ଝାଡ଼ଖଣ୍ଡରେ ଜୋର ଧରୁଛି ଛାତ୍ର ଆନ୍ଦୋଳନ

ଏବଂ

- ବର୍ଷା ଯୋଗୁଁ ଆରମ୍ଭ ହୋଇପାରିନି ଗାଲେ ଟେଷ୍ଟର ଦ୍ୱିତୀୟ ଦିନର ଖେଳ

# ପିଏମ୍–କୋଚିଂ ଏଆଇ ଟ୍ରେନିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ’ ଦେଶର ଗରିବ ତଥା ମଧ୍ୟବିତ୍ତ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଅନଲାଇନ୍ ପ୍ରଶିକ୍ଷଣ ପ୍ରଦାନ ବ୍ୟବସ୍ଥାର ଘୋଷଣା କରିଛନ୍ତି। ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଲାଲକିଲ୍ଲାରୁ ଗତକାଲି ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀଙ୍କର ପାରିବାରିକ ଆର୍ଥିକ ବୋଝକୁ ଏହି ନିଷ୍ପତ୍ତି ସହଯୋଗ ପ୍ରଦାନ କରିବ। ପ୍ରମୁଖ ଶିକ୍ଷକଙ୍କ ନେତୃତ୍ୱରେ ପ୍ରଶିକ୍ଷାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ନେଇ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଶ୍ରୀ ମୋଦୀ ବର୍ଣ୍ଣନା କରିଛନ୍ତି।

**V/O –PM-COACHING**

ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ଏକ ବର୍ଷ ମଧ୍ୟରେ ୧ କୋଟି ଯୁବକଙ୍କୁ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ତାଲିମ ପ୍ରଦାନ କରାଯିବ। ସେମାନଙ୍କୁ ବିଶ୍ୱସ୍ତରୀୟ ଏ.ଆଇ. କ୍ଷେତ୍ରରେ ନେତୃତ୍ୱ ନେବାକୁ ଏହା ସହଯୋଗ ପ୍ରଦାନ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି। ତେବେ ଗୁଣବତ୍ତା, ଦକ୍ଷତା ଏବଂ ମୂଲ୍ୟ ନିର୍ଦ୍ଧାରଣ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି।

**V/O –PM-AI**

# ବାଜପେୟୀ – ଡଥ୍ ଆନିଭର୍ସରୀ

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଆଜି ହେଉଛି ପୁଣ୍ୟତିଥି। ଦେଶବାସୀ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ୨୦୧୮ ଅଗଷ୍ଟ ୧୬ ତାରିଖରେ ଶ୍ରୀ ବାଜପେୟୀ ପରଲୋକ ଗମନ କରିଥିଲେ। ତିନିଥର ପ୍ରଧାନମନ୍ତ୍ରୀ ଭାବେ ସେ କାର୍ଯ୍ୟ କରିଛନ୍ତି। ୧୯୯୬ ମସିହାରେ ତାଙ୍କର ପ୍ରଥମ କାର୍ଯ୍ୟକାଳ ମାତ୍ର ୧୩ ଦିନ ପାଇଁ ରହିଥିଲା। ୧୯୯୮ରୁ ୧୯୯୯ ପର୍ଯ୍ୟନ୍ତ ୧୧ ମାସ ପାଇଁ ଦ୍ୱିତୀୟ ଏବଂ ୧୯୯୯ରୁ ୨୦୦୪ ପର୍ଯ୍ୟନ୍ତ ତୃତୀୟଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୧୫ ମସିହାରେ ତାଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ'ରେ ସମ୍ମାନିତ କରାଯାଇଥିଲା। ନୂଆଦିଲ୍ଲୀରେ ସଦୈବ ଅଟଳ ସ୍ମାରକୀରେ ବହୁ ନେତୃସ୍ଥାନୀୟ ବ୍ୟକ୍ତି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଲୋକସଭା ବାଚସ୍ପତି ଓମ ବିର୍ଲା ପ୍ରମୁଖ ଆଜି ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି।

ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଶ୍ରୀ ବାଜପେୟୀଙ୍କ ଜୀବନାଦର୍ଶ ସବୁବେଳେ ପରବର୍ତ୍ତୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଦେଶର ପ୍ରଗତିରେ ସ୍ୱର୍ଗତଃ ବାଜପେୟୀଙ୍କ ଅବଦାନ ଅତୁଳନୀୟ ବୋଲି ଉପରାଷ୍ଟ୍ରପତି ବର୍ଣ୍ଣନା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ସ୍ୱର୍ଗତଃ ବାଜପେୟୀଙ୍କୁ ଜଣେ ଅସାଧାରଣ ରାଜନେତା ବୋଲି ବର୍ଣ୍ଣନା କରିଛନ୍ତି। ତାଙ୍କ ନେତୃତ୍ୱ ବିଭିନ୍ନ କ୍ଷେତ୍ରରେ ଦେଶକୁ ଅଧିକ ସଶକ୍ତ କରିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସୁଶାସନ ଏବଂ ଜନକଲ୍ୟାଣ କ୍ଷେତ୍ରରେ ସ୍ୱର୍ଗତଃ ବାଜପେୟୀଙ୍କ ମାର୍ଗଦର୍ଶନ ଦେଶବାସୀଙ୍କୁ ପ୍ରେରଣାର ପ୍ରଦାନ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ସ୍ୱର୍ଗତଃ ବାଜପେୟୀ ଜଣେ ଦେଶପ୍ରେମୀ ରାଜନେତା ଥିଲେ। ତାଙ୍କର ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଦେଶସେବା ପାଇଁ ଉତ୍ସର୍ଗୀକୃତ ଥିଲା ବୋଲି ସେ କହିଛନ୍ତି।

ଲୋକସଭା ବାଚସ୍ପତି ଓମ ବିର୍ଲା' ସ୍ୱର୍ଗତଃ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ଜନସେବା ଏବଂ ଦେଶ ପ୍ରତି ସମର୍ପଣଭାବର ସେ ଥିଲେ ଏକ ପ୍ରତୀକ।

## ଇଣ୍ଡିଆ-ବ୍ରିକ୍ସ

ନୂଆଦିଲ୍ଲୀରେ ଆସନ୍ତା ମଙ୍ଗଳବାର ଦିନ ଦ୍ୱାଦଶ ବ୍ରିକ୍ସ ପରିବେଶ ମନ୍ତ୍ରୀଙ୍କ ବୈଠକ ଅନୁଷ୍ଠିତ ହେବ। ଏହାର ଅବ୍ୟବହିତ ପୂର୍ବରୁ ଆସନ୍ତାକାଲି ଜଳବାୟୁ ପରିବର୍ତ୍ତନ ଏବଂ ନିରନ୍ତର ବିକାଶ ଆଧାରିତ ପରିବେଶ କାର୍ଯ୍ୟଗୋଷ୍ଠୀ ଓ ଯୋଗାଯୋଗ ଗୋଷ୍ଠୀର ବୈଠକ ଅନୁଷ୍ଠିତ ହେବା ନେଇ କାର୍ଯ୍ୟସୂଚୀ ରହିଛି। ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ବୈଠକରେ ନିରନ୍ତରତା, ନବସୃଜନ, ସହଯୋଗ ଏବଂ ବିକାଶ ଆଧାରିତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହେବ। ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ବୈଠକରେ ଅଧ୍ୟକ୍ଷତା କରିବେ। ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରଣାଳୟ କହିଛି, ବିଭିନ୍ନ

ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ତଥା ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପରିବେଶଗତ ସହଯୋଗକୁ ଅଧିକ ସୁଦୃଢ଼ କରିବା ନେଇ ଏହି ବୈଠକ ଏକ ମଞ୍ଚ ପ୍ରଦାନ କରିବ। ସ୍ଥାୟୀ ଜୀବନଶୈଳୀ, ବନୀକରଣ, ବନାଗ୍ନି ଜନିତ ବିପର୍ଯ୍ୟୟକୁ ପ୍ରତିହତ କରିବା ଏବଂ ବୃତ୍ତାକାର ଅର୍ଥନୀତିକୁ ପ୍ରୋତ୍ସାହିତ ପ୍ରଦାନ କରିବା ଆଦି କ୍ଷେତ୍ରଗୁଡ଼ିକ ଉପରେ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି ବୋଲି ମନ୍ତ୍ରଣାଳୟ କହିଛି।

## ଝାଡ଼ଖଣ୍ଡ ପ୍ରୋଟେଷ୍ଟ

ଝାଡ଼ଖଣ୍ଡରେ ଚାଲିଥିବା ଛାତ୍ର ଆନ୍ଦୋଳନ ଅଧିକ ତୀବ୍ର ହେଉଛି। ରାଜ୍ୟସ୍ତରୀୟ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ଆଶାୟୀ ପରୀକ୍ଷାର୍ଥୀଙ୍କ ପକ୍ଷରୁ ପ୍ରତିବାଦ ଜାରି ରହିଛି। ଆଜି ଝାଡ଼ଖଣ୍ଡର ସମସ୍ତ ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିବାକୁ ପ୍ରତିବାଦକାରୀ ନିଷ୍ପତ୍ତି ନେଇଛନ୍ତି। ଏହି ଆନ୍ଦୋଳନ ଆଜି ୨୨ ଦିନରେ ପହଁଞ୍ଚିଛି। ରାଞ୍ଚିର ଆଲବର୍ଟ ଏକ୍କା ଚୌକଠାରେ କୁଶପୁତ୍ତଳିକା ଦାହ ନେଇ ପ୍ରତିବାଦକାରୀଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ପ୍ରତିବାଦକାରୀ ଜେ.ପି.ଏସ୍.ସି. ପରୀକ୍ଷା ବାତିଲ ଏବଂ ଜେ.ଏସ୍.ଏସ୍.ସି. ପରୀକ୍ଷାରେ ଅନିୟମିତତା ନେଇ ସି.ବି.ଆଇ ତଦନ୍ତ କରିବାକୁ ଦାବି କରି ଏହି ପ୍ରତିବାଦ ଚଳାଇଛନ୍ତି। ପ୍ରତିବାଦକାରୀ ମଧ୍ୟ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଇସ୍ତଫା ଦାବି କରିଛନ୍ତି। ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ନେଇ ସେମାନେ ଡାକରା ଦେଇଛନ୍ତି।

## ଏନ୍‌ଟିଏ– ଆନସାର୍ କି ରିଲିଜ୍‌ଡ

ଜାତୀୟ ପରୀକ୍ଷା ସଂସ୍ଥା– ଏନ୍.ଟି.ଏ. ପକ୍ଷରୁ ୟୁଜିସି-ନେଟ୍ ଜୁନ୍ - ୨୦୨୬ ପରୀକ୍ଷାର ୮୪ଟି ବିଷୟ ପାଇଁ ଅସ୍ଥାୟୀ ଉତ୍ତର ଖାତା ପ୍ରକାଶ ପାଇଛି। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଏ ସଂକ୍ରାନ୍ତ ଆପତ୍ତି ଦାଖଲ ପ୍ରକ୍ରିୟା ଜାରି ରହିବ। ଏନ୍‌ଟିଏ କହିଛି, ପ୍ରତିଟି ଆପତ୍ତି ପାଇଁ ଦୁଇ ଶହ ଟଙ୍କା ଲେଖାଏଁ ଦେୟ ସହ ଆବଶ୍ୟକୀୟ ଦସ୍ତାବିଜ ପ୍ରମାଣ ଆକାରରେ ଦାଖଲ କରିବାକୁ ପଡ଼ିବ। ଇଂରାଜୀ, ବାଣିଜ୍ୟ, ସମାଜ ବିଜ୍ଞାନ ତିନୋଟି ବିଷୟର ପ୍ରଶ୍ନପତ୍ରରେ ଥିବା ତ୍ରୁଟିଗୁଡ଼ିକର ଯାଞ୍ଚ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିବା ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି। ଏନ.ଟି.ଏ’ର ସରକାରୀ ୱେବସାଇଟ୍‌ରେ ପ୍ରଦତ୍ତ ସୂଚନା ଅନୁଯାୟୀ, ପଦକ୍ଷେପ ଗ୍ରହଣ କରିବାକୁ ପରୀକ୍ଷାର୍ଥୀଙ୍କୁ ପରାମର୍ଶ ଦିଆଯାଇଛି।

## ଓରାମ–ଆଇଟିଡିଏ

ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ କହିଛନ୍ତି, ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା ଓ ପ୍ରକଳ୍ପ ସରକାରୀ ପଦକ୍ଷେପ ଏବଂ ଜନଜାତି ସଂପ୍ରଦାୟ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବେ କାର୍ଯ୍ୟ କରୁଛି । ଆଇଟିଡିଏ ଏବଂ ଆଇଟିଡିପି କାର୍ଯ୍ୟାନ୍ୱୟନ ନିର୍ଦ୍ଦେଶାବଳୀକୁ ଉନ୍ମୋଚନ କରିବା ଅବସରରେ ମନ୍ତ୍ରୀ ଶ୍ରୀ ଓରାମ ଏହା କହିଛନ୍ତି । ସେ କହିଛନ୍ତି, ଏକ ବ୍ୟାପକ, ପରାମର୍ଶଗତ ଏବଂ ପ୍ରମାଣ ଆଧାରିତ ଏହି ନିର୍ଦ୍ଦେଶାବଳୀ ଜନଜାତି ବିକାଶକୁ ଅଧିକ ତ୍ୱରାନ୍ୱିତ କରିବ। ଧର୍ତୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଏବଂ ପ୍ରଧାନମନ୍ତ୍ରୀ ଜନମନ ପଦକ୍ଷେପ ମାଧ୍ୟମରେ ଏହି ପ୍ରକଳ୍ପ ଦୁଇଟିରେ ଉଲ୍ଲେଖନୀୟ ସଫଳତା ହାସଲ ହୋଇଛି । ଏ ସଂକ୍ରାନ୍ତ

ଇକୋ ସିଷ୍ଟମ୍‌କୁ ସୁଦୃଢ଼ କରିବା ସହ ସମନ୍ୱୟ, ଉତ୍ତରଦାୟିତ୍ୱ ଏବଂ କାର୍ଯ୍ୟାନ୍ୱୟନ ଅଧିକ ସଶକ୍ତ ହୋଇପାରିଛି। ଜନଜାତି ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ୧୭ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୨୦୦ରୁ ଅଧିକ ଶାଖା ପ୍ରକଳ୍ପକୁ ଅନ୍ତର୍ଭୁକ୍ତ କରି ଏହି ନିର୍ଦ୍ଦେଶାବଳୀ ଜନଜାତି ବିକାଶ ନିମନ୍ତେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିଛି ।

## ଶାହା– ରାମକ୍ରିଷ୍ଣ

ରାମକୃଷ୍ଣ ପରମହଂସଙ୍କର ପୁଣ୍ୟତିଥିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ଆଧୁନିକ ଭାରତର ମହାନ୍ ଚିନ୍ତକ ଏବଂ ମା' କାଳୀଙ୍କର ଏକନିଷ୍ଠ ଭକ୍ତ ଶ୍ରୀ ରାମକୃଷ୍ଣ ପରମହଂସ ଭାରତୀୟ ସନାତନ ପରମ୍ପରାର ଗଭୀର ଶକ୍ତି ଓ ଆଧ୍ୟାତ୍ମିକ ଚେତନା ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ପହଁଞ୍ଚାଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଶ୍ରୀରାମକୃଷ୍ଣ କେବଳ ଧର୍ମକୁ ବିଶ୍ୱାସରେ ପରିଣତ କରି ନ ଥିଲେ ବରଂ ସେବା ଓ ମାନବ କଲ୍ୟାଣର ଏକ ମାଧ୍ୟମ ମଧ୍ୟ ରହିଥିଲେ। ତାଙ୍କର ଉଚ୍ଚଚିନ୍ତାଧାରା ଓ ଆଦର୍ଶ ସବୁଦିନ ପାଇଁ ମାନବ ସମାଜକୁ ମାର୍ଗଦର୍ଶନ କରିଚାଲିଥିବ ବୋଲି ଶ୍ରୀ ଶାହା କହିଛନ୍ତି।

## କ୍ରିକେଟ୍

ଶ୍ରୀଲଙ୍କାର ଗାଲେ ଠାରେ ଚାଲିଥିବା ଭାରତ-ଶ୍ରୀଲଙ୍କା ଚଳିତ ସିରିଜ୍‌ର ପ୍ରଥମ ଟେଷ୍ଟ୍‌ମ୍ୟାଚ୍‌ରେ ଆଜି ଦ୍ୱିତୀୟ ଦିନର ଖେଳ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଛି। ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ଖେଳ ଆରମ୍ଭ

ହୋଇନଥିଲା। ଭାରତ ଆଜିର ଦ୍ୱିତୀୟ ଦିନର ବ୍ୟାଟିଂ ଗତକାଲିର ପ୍ରଥମ ଇନିଂସ ସ୍କୋର ଦୁଇ ଓ୍ୱିକେଟ୍ ବିନିମୟରେ ୨୮୮ ରନ୍‌ରୁ ଆରମ୍ଭ କରିବ। ଦେବଦତ୍ତ ପାଡିକଲ୍ ୧୩୧ ରନ୍ ଏବଂ ରିଷଭ ପନ୍ଥ ୨୭ ରନ୍ କରି ଅପରାଜିତ ଅଛନ୍ତି। ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଛି ।

## ବିଡବ୍ଲ୍ୟୁଏଫ୍ ସି'ସିପ୍ ଦିଲ୍ଲୀ

ନୂଆଦିଲ୍ଲୀର ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍‌ରେ ଆସନ୍ତାକାଲିଠାରୁ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍ ଆରମ୍ଭ ହେବ। ୨୦୦୯ ମସିହା ପରେ ଦ୍ୱିତୀୟ ଥର ପାଇଁ ଭାରତ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରୁଛି। ଏହି ପ୍ରତିଯୋଗିତା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ।

ମହିଳା ସିଙ୍ଗଲ୍ସ ବିଭାଗରେ ପି.ଭି. ସିନ୍ଧୁ ଭାରତର ନେତୃତ୍ୱ ନେବେ। ପୁରୁଷ ଏକକ ବର୍ଗରେ ଆୟୁଷ ସେଟ୍ଟୀ ପ୍ରଥମ ରାଉଣ୍ଡରେ ପୂର୍ବଥରର ଚାମ୍ପିଅନ ତଥା ଶୀର୍ଷ ମାନ୍ୟତା ପ୍ରାପ୍ତ ଚୀନ୍‌ର ସି ୟୁକିଙ୍କ ସହ ମୁକାବିଲା କରିବେ। ପୁରୁଷ ଡବଲ୍ସ ଯୋଡ଼ିରେ ସାତ୍ତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ ସେଟ୍ଟି ଭାରତର ପଦକ ଆଶାୟୀ ରହିବେ। ତ୍ରିଷା ଜଲି ଏବଂ ଗାୟତ୍ରୀ ଗୋପୀଚନ୍ଦ ମହିଳା ଯୁଗଳ ମୁକାବିଲାର ନେତୃତ୍ୱ ନେବେ ଏବଂ ଧ୍ରୁବ କାପିଲା ଓ ତନିଷା କ୍ରାଷ୍ଟୋ ମିଶ୍ରିତ ଯୁଗଳ ଅଭିଯାନର ନେତୃତ୍ୱ ନେବେ।